# ଆଇଆଇଟିରେ ହେବ ଦଶମ ଦୀକ୍ଷାନ୍ତ ସମାରୋହ




ଜଟଣୀ : ୧୯:୧୦(ଶୁଭେନ୍ଦ୍ର ଶତପଥୀ)ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥ ଆଇଆଇଟି ଭୁବନେଶ୍ୱର ପରିସରରେ ବୁଧବାର ଚଳିତବର୍ଷ ଅନୁଷ୍ଠିତ ହେବ ଦଶମ ଦୀକ୍ଷାନ୍ତ ସମାରୋହ। ଏହି ସମାରୋହରେ ୫୫୯ ଜଣ ଡିଗ୍ରୀ ଧାରୀଙ୍କ ମଧ୍ୟରୁ ୩୫ ଜଣ ପିଏଚଡ଼ି, ୧୫୩ ଜଣ ଏମ୍ ଟେକ୍, ୭୯ ଜଣ ଏମଏସସି, ୨୫୬ଜଣ ବିଟେକ୍ ଏବଂ ୩୬ ଜଣ ଡୁଆଲ ଡିଗ୍ରୀ ଧାରୀ ଛାତ୍ରଛାତ୍ରୀ ଅଛନ୍ତି। ଏତଦବ୍ୟତୀତ ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ଗୋଲ୍ଡ ମେଡ଼ାଲ, ଡାଇରେକ୍ଟର ଅଫ ଗୋଲ୍ଡ ମେଡ଼ାଲ, ଇନଷ୍ଟିଚ୍ୟୁଟ ଅଫ ସିଲଭର ମେଡାଲ ଆଦି ପ୍ରଦାନ କରାଯିବ। ଭର୍ଚୁଆଲ ମୋଡ଼ରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଇନଫୋସିସ ର ପ୍ରତିଷ୍ଠାତା ଏନ୍ ଆର୍ ନାରାୟଣ ମୂର୍ତ୍ତୀ ଓ ସମ୍ମାନିତ ଅତିଥି ଭାବେ ଆଇଆଇଟି ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ ର ଅଧ୍ୟକ୍ଷ ଡ ରାଜେନ୍ଦ୍ର ପ୍ରସାଦ ସିଂ ଯୋଗ ଦେବେ ବୋଲି ଆଇଆଇଟି ର ନିର୍ଦ୍ଦେଶକ ରତ୍ନମ ଭି ରାଜ କୁମାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଇଆଇଟି ର ରେଜିଷ୍ଟ୍ରର ଦେବରାଜ ରଥ ଏବଂ ଏକାଡେମିକ୍ ଡିନ୍ ଡ ପ୍ରଭାସ ରଞ୍ଜନ ସାହୁ ଏହି ସମ୍ମିଳନୀ ଉପସ୍ଥିତ ଥିଲେ।